# ଆତ୍ମ ନିଯୁକ୍ତି ପାଇଁ
# ବ୍ରଏଲର କୁକୁଡା ପାଳନ

ଆଜିକାଲି ଆମ ଦେଶରେ ଶିକ୍ଷିତ ବେକାରଙ୍କ ସଂଖ୍ୟା କ୍ରମେ ବଢି ଚାଲିଛି । ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ କର୍ମ ନିଯୁକ୍ତିର ସୁଯୋଗ କମିବାରେ ଲାଗିଛି । [illegible] ବଡ଼ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଅଧିକ ମୂଳଧନର ଆବଶ୍ୟକତା ହେତୁ ସେହିପରି ଉଦ୍ୟୋଗ ମାଧ୍ୟମରେ ଆତ୍ମନିଯୁକ୍ତି ଅଧିକାଂଶ ବେକାର ଯୁବକ ଓ ଯୁବତୀମାନଙ୍କ ପାଇଁ ସମ୍ଭବ ହେଉନାହିଁ । ବିଗତ କିଛି ବର୍ଷ ଧରି ଆମ ରାଜ୍ୟରେ ବ୍ରଏଲର କୁକୁଡା ପାଳନ ପ୍ରତି ଶିକ୍ଷିତ ବେକାର ଯୁବକମାନଙ୍କ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି ।

ବ୍ରଏଲର କୁକୁଡା ପାଳନ ଏକ ଲାଭଜନକ ବ୍ୟବସାୟ । ବ୍ରଏଲର କୁକୁଡା ପାଳନ ମାଧ୍ୟମରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଯୁବକ ଓ ଯୁବତୀମାନେ ସ୍ୱରୋଜଗାର କ୍ଷମ ହୋଇ ପାରିବେ । ନିମ୍ନୋକ୍ତ କାରଣ ଗୁଡିକ ଯୋଗୁଁ ବ୍ରଏଲର କୁକୁଡା ପାଳନକୁ ଏକ ନିର୍ଭରଯୋଗ୍ୟ ଆତ୍ମନିଯୁକ୍ତିର ମାଧ୍ୟମ ଭାବରେ ବିଚାର କରାଯାଉଛି ।

୧. ଏହି ଉଦ୍ୟୋଗଟି ପାଇଁ ଆବଶ୍ୟକ ହେଉଥିବା ମୂଳଧନ ଅନ୍ୟାନ୍ୟ ଉଦ୍ୟୋଗ ତୁଳନାରେ କମ୍ ଅଟେ ।

୨. ଉଦ୍ୟୋଗଟି ଆରମ୍ଭ କରିବାର ମାତ୍ର ୬ ସପ୍ତାହ ପରେ କୁକୁଡା ବିକ୍ରି କରି ଉଦ୍ୟୋଗୀ ରୋଜଗାର କରିବା ଆରମ୍ଭ କରନ୍ତି ।

୩. ଏହି ବ୍ୟବସାୟ ପାଇଁ କୌଣସି ଅତ୍ୟାଧୁନିକ ଜ୍ଞାନ କୌଶଳର ଆବଶ୍ୟକତା ନାହିଁ ।

୪. ଆଖପାଖରେ ସହର ବଜାର ଥିଲେ, ବିକ୍ରିବଟାରେ କୌଣସି ଅସୁବିଧା ହୁଏନାହିଁ ।

ଆପଣଙ୍କର ଯଦି ଏହି ବ୍ୟବସାୟରେ କୌଣସି ଅଭିଜ୍ଞତା ନାହିଁ ତାହେଲେ ଆପଣଙ୍କ ମନକୁ ଏ ପ୍ରଶ୍ନ ଆସିପାରେ ଯେ ମୁଁ କଣ ବ୍ରଏଲର ଫାର୍ମଟିଏ କରିପାରିବି ? ତାହେଲେ ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଦିଅନ୍ତୁ ।

୧. ବ୍ରଏଲର କୁକୁଡା ଫାର୍ମଟିଏ ପ୍ରତିଷ୍ଠା କରି ସ୍ୱରୋଜଗାର ହେବା ପାଇଁ ଆପଣଙ୍କର ଦୃଢ ଇଚ୍ଛାଶକ୍ତି ଅଛି କି ?

୨. ଆପଣ ଯେଉଁଠାରେ ଫାର୍ମଟି ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ତାର ପାଖରେ ବ୍ରଏଲର କୁକୁଡା ବିକ୍ରି କରିବାର ସୁବିଧା ଅଛି କି ?

୩. ଏହି ବ୍ୟବସାୟ ପାଇଁ ଆବଶ୍ୟକ ମୂଳଧନ ଆପଣ ଯୋଗାଡ କରି ପାରିବେ କି ?

୪. ବ୍ୟକ୍ତିଗତ ଭାବରେ ଆପଣ ଫାର୍ମଟିର ଦେଖାଶୁଣା କରି ପାରିବେ କି ?

ଯଦି ଉପରୋକ୍ତ ପ୍ରଶ୍ନଗୁଡିକ ପାଇଁ ଆପଣଙ୍କ ଉତ୍ତର ହଁ, ତେବେ ଆପଣ ଏହି ଉଦ୍ୟୋଗଟି ଆରମ୍ଭ କରିପାରିବେ ।

## ବ୍ରଏଲର କୁକୁଡା ପାଳନର ବିଭିନ୍ନ ଦିଗ :

ବ୍ରଏଲର କୁକୁଡା ଫାର୍ମଟିଏ ପ୍ରତିଷ୍ଠା କରିବାକୁ ହେଲେ ମୁଖ୍ୟତଃ ନିମ୍ନ ବିଷୟ ଗୁଡିକ ପ୍ରତି ଧ୍ୟାନ ଦେବାକୁ ହେବ ।



★ ସ୍ଥାନ ନିରୂପଣ
★ କୁକୁଡା ଘର ନିର୍ମାଣ
★ ସାଧାରଣ ପରିପାଳନ ବ୍ୟବସ୍ଥା
★ ଖାଦ୍ୟ
★ ଔଷଧ ପତ୍ର ଓ ରୋଗ ପ୍ରତିରୋଧକ ବ୍ୟବସ୍ଥା
★ ବିକ୍ରୀବଟା

## ସ୍ଥାନ ନିରୂପଣ :

ଫାର୍ମ ପାଇଁ ଏକ ଖୋଲା ଢିପ ଯାଗା ଦରକାର । ଫାର୍ମଟି ଢିପ ଯାଗାରେ ନହେଲେ ବର୍ଷା ଦିନେ ପାଣି ଜମିରହି ଯାଗାଟି ସନ୍ତସନ୍ତିଆ ହୁଏ । ଫାର୍ମଟି ଏକ ଖୋଲା ଯାଗାରେ ହେବା ଉଚିତ୍ । ତାହେଲେ କୁକୁଡା ଘର ଭିତରକୁ ବାୟୁ ଓ ସୂର୍ଯ୍ୟାଲୋକ ଅବାଧରେ ପ୍ରବେଶ କରି ପରିବେଶକୁ ନିର୍ମଳ ରଖେ । ଫାର୍ମଟି ଜନ ବସତି ଠାରୁ ଟିକେ ଦୂରରେ ହେବା ଉଚିତ୍ । ତା ନହେଲେ କୁକୁଡା ମଳର ଗନ୍ଧରେ ପରିବେଶ ଖରାପ ହେବାର ଆଶଙ୍କା ଥାଏ । କୁକୁଡା ଫାର୍ମ ପାଇଁ ଜାଗାଟିଏ ବାଛିଲା ବେଳେ ବିଦ୍ୟୁତ୍ ସଂଯୋଗର ସୁବିଧା ଓ ବର୍ଷସାରା ଫାର୍ମକୁ ନିର୍ମଳ ପାଣି ଯୋଗାଣର ସୁବିଧାକୁ ମଧ୍ୟ ବିଚାରକୁ ନିଆଯିବା ଉଚିତ୍ । ଏତଦ୍ ବ୍ୟତୀତ ସ୍ଥାନଟିକୁ ଯାଆସ ପାଇଁ ସବୁଦିନିଆ ରାସ୍ତାର ସୁବିଧା ଏକାନ୍ତ ଆବଶ୍ୟକ ।

## କୁକୁଡା ଘର ନିର୍ମାଣ :

ପ୍ରତି ବ୍ରଏଲର କୁକୁଡା ପାଇଁ ୧ ବର୍ଗଫୁଟ ଯାଗା ଆବଶ୍ୟକ । ତେଣୁ କେତେ ଦିନ ଅନ୍ତରରେ କେତେ ଲେଖାଏଁ କୁକୁଡା ପାଳନ କରାଯିବ ତା ଉପରେ ଗୃହର ଆକାର ଓ ସଂଖ୍ୟା ନିର୍ଭର କରେ । କୁକୁଡା ଘରର ଛାତ କଂକ୍ରିଟ, ଆଜବେଷ୍ଟସ, ଟାଇଲ୍ ବା ଚାଳଛପର ହୋଇପାରେ । ସେହିପରି ଘରର ମେଜିଆ ସିମେଣ୍ଟ ବା ମାଟିରେ କରାଯାଇପାରେ । କିନ୍ତୁ ଦେଖିବାକୁ ହେବ ଯେ ଘର ଭିତରକୁ ଯେପରି ବାୟୁ ଚଳାଚଳ ସୁବିଧାରେ ହୋଇପାରୁଥିବ । କମ୍ ଖର୍ଚ୍ଚରେ ଘରଟିଆରି କରିବାକୁ ଚାହୁଁଥିଲେ ମେଜିଆରେ ଏକ ଫୁଟ ବହଳର ବାଲି ଭର୍ତ୍ତିକରି ତା ଉପରେ ସିମେଣ୍ଟର ପଲସ୍ତରା କରାଇବା ଉଚିତ୍ । ଚାରିକଡରେ ଇଟା କାନ୍ଥ ୨ ଫୁଟ ଉଚ୍ଚତା ପର୍ଯ୍ୟନ୍ତ

କରି ଅବଶିଷ୍ଟ ଅଂଶକୁ ତାରଜାଲି ଦ୍ୱାରା ଆବଦ୍ଧ କରାଇବା ଉଚିତ୍ । ଘରଟି ଚାଳ ଛପର ହେଲେ ଖର୍ଚ୍ଚ କମ୍ ହେବ । ଘରର ମଧ୍ୟଭାଗରେ ଉଚ୍ଚତା ଭୂମି ଠାରୁ ଅନ୍ୟୁନ ୧୦ ଫୁଟ ଉଚ୍ଚ ଓ କଡଗୁଡିକ ଅନ୍ୟୁନ ୪/୫ ଫୁଟ ହେବା ଉଚିତ । ବର୍ଷା ସମୟରେ ପାଣି ଛିଟିକା ଯେପରି ଘର ଭିତରକୁ ନପଡେ ସେଥିପ୍ରତି ସାବଧାନତା ଅବଲମ୍ବନ କରିବା ଦରକାର । ଘର ତିଆରି ଖର୍ଚ୍ଚ ଆହୁରି କମାଇବାକୁ ହେଲେ, ଖୁଣ୍ଟ ପୋତି, ଚାଳ ଛପର କରି ବିନା କାନ୍ଥରେ ଚାରିକଡ ମୋଟା ପ୍ଲାଷ୍ଟିକ୍ ସୂତା ବା ସରୁ ତାରରେ ତିଆରି ଜାଲି ଘେରା ଯାଇ ପାରିବ ।

ପ୍ରତି ସପ୍ତାହରେ ୧୦୦ କୁକୁଡା ପାଳିବାକୁ ହେଲେ ୧୦୦ ବର୍ଗଫୁଟର ଅନ୍ୟୁନ ୭ଟି ବଖରା ଘର ଦରକାର । ଘରଗୁଡିକ ଲାଗି ଲାଗି ଗୋଟିଏ ଧାଡିରେ ତିଆରି ହେଲେ ଖର୍ଚ୍ଚ କମ୍ ହେବ ।

ବ୍ରଏଲର ଫାର୍ମଟିଏ କଲେ, କୁକୁଡାମାନଙ୍କ ପାଇଁ ରହିବା ଘର ସହିତ, ଦାନା, ଔଷଧ ପତ୍ର ଓ ଅନ୍ୟାନ୍ୟ ଆସବାବ ପତ୍ର ରଖିବା ପାଇଁ ଗୋଟିଏ ଗୋଦାମ ଘର ଆବଶ୍ୟକ, ଏବଂ ଏକ ଅଫିସ୍ ଗୃହ ମଧ୍ୟ ଆବଶ୍ୟକ । କୁକୁଡା ଘର ତିଆରି ପରେ ଘରକୁ ବିଦ୍ୟୁତ୍ ସଂଯୋଗ ଓ ଜଳ ଯୋଗାଣର ବ୍ୟବସ୍ଥା କରାଇବା ଦରକାର ।

## ସାଧାରଣ ପରିପାଳନ :

* କୁକୁଡା ଛୁଆ ଆଣିବା ପୂର୍ବରୁ କୁକୁଡା ଘର, ଦାନା ଓ ପାଣିପାତ୍ରକୁ ପରିଷ୍କାର ଭାବେ ଧୋଇ ବିଶୋଧନ କରାଇବା ଉଚିତ୍ । ଆବଶ୍ୟକୀୟ ଦାନା, ଔଷଧପତ୍ର ଓ ଅନ୍ୟାନ୍ୟ ସରଞ୍ଜାମ ମହଜୁଦ୍ ରଖିବା ଆବଶ୍ୟକ ।

* ଛୁଆ ଆସିବାର ୨୪ ଘଣ୍ଟା ପୂର୍ବରୁ ଘରର ଚଟାଣରେ କରତ ଗୁଣ୍ଡ ବିଛାଇବା ଆବଶ୍ୟକ । ଛୁଆମାନଙ୍କର ସଂଖ୍ୟାକୁ ଦେଖି କିଛି ସ୍ଥାନରେ କରତ ଗୁଣ୍ଡ ଉପରେ କାଗଜ ବିଛାଇ ତାର ଚାରିକଡେ ବାଉଁଶପାଡିଆ ବା ଆଲୁମିନିୟମ୍‌ରେ ତିଆରି ଏକ ଘେର (Check Guard) ରଖିବା ଉଚିତ୍ ।



* ତା ଦ୍ୱାରା ଛୁଆମାନେ ଏହି ଆବଦ୍ଧ ଅଞ୍ଚଳରୁ ବାହାରକୁ ଯାଇ ପାରନ୍ତି ନାହିଁ । ଏହି ଆବଦ୍ଧ ଅଞ୍ଚଳର ମଧ୍ୟଭାଗରେ ଛୁଆମାନଙ୍କୁ ଉଷୁମ୍ ରଖିବା ପାଇଁ ଏକ ଯନ୍ତ୍ର (ଯେଉଁଥିରେକି ବିଦ୍ୟୁତ୍ ସଂଯୋଗ କରାଯାଇ ଏକାଧିକ ବିଦ୍ୟୁତ୍ ବଲବ ଜଳାଯାଏ) ରଖାଯାଇ ବଲ୍‌ବ ଜଳାଇ ଦିଆଯିବା ଉଚିତ୍, ଯେପରିକି ସ୍ଥାନଟି ଉଷୁମ୍ ରହିବ । ପାଣି ପାତ୍ର ଗୁଡିକରେ ଗ୍ଲୁକୋଜ୍ ମିଶାପାଣି ଭର୍ତ୍ତିକରି ରଖାଯିବା ଉଚିତ୍ ଓ ତଳେ କାଗଜ ଉପରେ ଖୁଦ ବା ସୁଜି ଦାନା କିଛି ବିଞ୍ଚିଦେବା ଆବଶ୍ୟକ ।

* କୁକୁଡା ଛୁଆମାନେ ଅଣ୍ଡାରୁ ବାହାରିଲା ପରେ ୨୪ ଘଣ୍ଟା ପର୍ଯ୍ୟନ୍ତ କୌଣସି ଖାଦ୍ୟ ଆବଶ୍ୟକ କରନ୍ତି ନାହିଁ, କିନ୍ତୁ ତା ଠାରୁ ଅଧିକ ସମୟ ବିନା ଆହାରରେ ରଖିବା ଦ୍ୱାରା ସେମାନଙ୍କର ବୃଦ୍ଧି ବାଧାପ୍ରାପ୍ତ ହୁଏ । ତେଣୁ ଛୁଆ ଆଣିଲା ବେଳେ ଏହାକୁ ଦୃଷ୍ଟିରେ ରଖିବା ଉଚିତ୍ । ଛୁଆ ଆଣିବାର ପରଦିନ ଠାରୁ ଦାନା ପାତ୍ରରେ ଦାନା ଦେବା ଉଚିତ୍ । ପ୍ରତିଦିନ ଦିନକୁ ୨ ଥର ଦାନା ଓ ପରିଷ୍କାର ପାଣି ଦେବା ଉଚିତ୍ । ଛୁଆମାନେ ବଡ ହେବା ସହିତ ଚିକ୍ ଗାର୍ଡକୁ ଘୁଞ୍ଚାଇ ଆବଦ୍ଧ ଅଞ୍ଚଳକୁ ବଢାଇବା ଦରକାର ଓ ୧୫ ଦିନ ବେଳକୁ ଏହାକୁ ସଂପୂର୍ଣ୍ଣ ବାହାର କରିନେବା ଉଚତି୍ ।


* ବ୍ରଏଲର କୁକୁଡାକୁ ଯେଉଁ ପଦ୍ଧତିରେ ପାଳନ କରାଯାଏ ତାକୁ ଡିପ୍‌ଲିଟର ବ୍ୟବସ୍ଥା କୁହନ୍ତି । ଏଥିରେ କୁକୁଡାର ମଳ ଚଟାଣରେ ବିଛାଯାଇଥିବା କରତ ଗୁଣ୍ଡ ସହିତ ମିଶିଯାଏ ଓ କୁକୁଡା ବିକ୍ରି କରିଦେବାପରେ ହିଁ ଘର ସଫା କରାଯାଏ । ସମୟେ ସମୟେ ଏହି ବିଛା ଯାଇଥିବା ଗୁଣ୍ଡ ଓ ମଳର ମିଶ୍ରଣ ଓଦାଳିଆ ହୋଇ ମୁଣ୍ଡା ହୋଇଯାଏ ଓ କୁକୁଡାମାନଙ୍କ ପାଇଁ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟିକରେ । ତେଣୁ ମଝିରେ ମଝିରେ ଏଗୁଡିକ ଖୋଲାଇ ମୁଣ୍ଡା ଗୁଡିକ ଭାଙ୍ଗିଦେବା ଆବଶ୍ୟକ ଓ ଦରକାର ହେଲେ ଆଉ କିଛି କରତଗୁଣ୍ଡ ପକାଇବା ଉଚିତ୍ ।

ଅତ୍ୟଧିକ ଗରମ ହୋଉଥିବା ଯାଗାରେ ଖରାଦିନେ କୁକୁଡା ଘରର ଛାତ ଉପରେ ନଡିଆ ବାହୁଙ୍ଗା ବା ଅନ୍ୟାନ୍ୟ ତାଳପତ୍ର ପକାଇଲେ ଘରଟି ଥଣ୍ଡା ରୁହେ । ସେହିପରି ଅତ୍ୟଧିକ ଥଣ୍ଡା ହେଉଥିବା ଯାଗାମାନଙ୍କରେ ରାତିରେ କୁକୁଡା ଘରର ଖୋଲା (ଜାଲି ଲାଗିଥିବା) ଯାଗାଗୁଡିକୁ ଅଖା ଦ୍ୱାରା ବନ୍ଦକରି ରଖି ସକାଳୁ ଖୋଲି ଦେବା ଉଚିତ୍ ।

**ଖାଦ୍ୟ :**


ଖାଦ୍ୟ ବାବଦକୁ ଖର୍ଚ୍ଚ, ବ୍ରଏଲର କୁକୁଡା ପାଳନର ମୋଟ ଖର୍ଚ୍ଚର ଶତକଡା ୭୦ ଭାଗ, ବ୍ରଏଲର କୁକୁଡାମାନେ ୪୫ ଦିନରେ ୧୮୦୦ ଗ୍ରାମ ପର୍ଯ୍ୟନ୍ତ ଓଜନର ହେଉଥିବାରୁ ଆବଶ୍ୟକ ମୁତାବକ ଖାଦ୍ୟପ୍ରାଣ, ଖଣିଜ ପଦାର୍ଥ ଓ ଜୀବସାରରେ ପରିପୁଷ୍ଟ ଆହାରର ବ୍ୟବହାର ଏକ ଲାଭଜନକ ବ୍ରଏଲର କୁକୁଡା ଫାର୍ମ ପାଇଁ ନିତ୍ୟାନ୍ତ ଜରୁରୀ । କୁକୁଡାମାନଙ୍କୁ ବିଭିନ୍ନ ପ୍ରକାରର ଦାନା ଦିଆଯାଏ । ସେଗୁଡିକ ହେଲା ।

| | | |
|---|---|---|
| **ପ୍ରିଷ୍ଟାଟର ଦାନା** | - | **ପ୍ରଥମ ସପ୍ତାହ** |
| **ଷ୍ଟାଟର ଦାନା** | - | **୨ୟ ରୁ ୪ ସପ୍ତାହ** |
| **ଫିନିସର୍ ଦାନା** | - | **୪ର୍ଥ ରୁ ୬ଷ୍ଠ ସପ୍ତାହ** |



**ଦାନା ପାତ୍ର**





**ଝୁଲା ଦାନା ପାତ୍ର**

**ଝୁଲା ଦାନା ପାତ୍ର :**


ଏହି ଦାନା ସବୁ ବିଭିନ୍ନ ସଂସ୍ଥା ଦ୍ୱାରା ପ୍ରସ୍ତୁତ କରାଯାଇ ବଜାରରେ ବିକ୍ରି କରାଯାଏ ।

କୁକୁଡାମାନଙ୍କୁ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ୨ ଥର ଦାନା ଦେବା ଆବଶ୍ୟକ, ଦାନା ଦେବା ପାଇଁ ବିଭିନ୍ନ ପ୍ରକାରର ଦାନାପାତ୍ର ଯଥା ଲମ୍ବା ଓ ଗୋଲାକାର ଝୁଲା ପାତ୍ର ମିଳେ । ଦାନା ଦେବା ସମୟରେ ପାତ୍ରକୁ ପୁରା ଭର୍ତ୍ତି କରିବା ଉଚିତ୍ ନୁହେଁ । ସେପରି ହେଲେ ଦାନା ନଷ୍ଟ ହୁଏ । ଛୋଟ ଛୁଆ ଓ ବଡ କୁକୁଡାମାନଙ୍କ ପାଇଁ ଅଲଗା ପ୍ରକାରର ଦାନାପାତ୍ର ବ୍ୟବହାର କରିବା ଉଚିତ୍ । ପ୍ରତି କୁକୁଡା ପାଇଁ ୩ ଇଞ୍ଚ ଖାଇବା ଯାଗା ଦରକାର । ତେଣୁ ଦାନା ପାତ୍ରର ଆକାର ଓ କୁକୁଡାଙ୍କ ସଂଖ୍ୟାକୁ ଭିତ୍ତିକରି କେତୋଟି ଦାନା ପାତ୍ର ଦରକାର ତାହା ସ୍ଥିର କରାଯାଏ । ଦାନାପାତ୍ରଗୁଡିକ କେତେ ବେଳେ ହେଲେ ଖାଲି ରହିବା ଉଚିତ୍ ନୁହେଁ । କାରଣ କୁକୁଡା ଘରେ ୨୪ ଘଣ୍ଟା ଆଲୋକ ବ୍ୟବସ୍ଥା ରହୁଥିବାରୁ କୁକୁଡାମାନେ ସବୁ ସମୟରେ ଖାଦ୍ୟ ଖାଇଥାନ୍ତି ।

**ପିଇବା ପାଣି :**

କୁକୁଡା ମେନେ ଯେତିକି ଦାନା ଖାଆନ୍ତି ତାର ଦୁଇଗୁଣ ପାଣି ପିଅନ୍ତି । ତେଣୁ ଦୈନିକ କୁକୁଡାମାନଙ୍କୁ ୨-୩ ଥର ପାଣି ଦେବା ଆବଶ୍ୟକ । ପାଣି ଦେବାପାଇଁ

ବିଭିନ୍ନ ପ୍ରକାରର ପାଣି ପାତ୍ର ବଜାରରେ ଉପଲବ୍ଧ ହେଉଛି । କମ୍ ଖର୍ଚ୍ଚରେ ମାଟିପାତ୍ର (ମାଠିଆ) ରେ କଣା କରି କୁକୁଡ଼ାମାନଙ୍କୁ ପାଣି ଦେବା ପାଇଁ ବ୍ୟବହାର କରାଯାଇ ପାରିବ । ପ୍ରତିଥର ପାଣି ଦେବା ପୂର୍ବରୁ ପାତ୍ର ଗୁଡ଼ିକ ଭଲ ଭାବରେ ଧୋଇ ପରିଷ୍କାର କରି ପାଣି ଦେବା ଉଚିତ୍ । ପାଣିଦେବା ସମୟରେ କୁକୁଡ଼ା ଘରେ ଯେପରି ପାଣି ଢାଳି ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ।



ପାଣିପାତ୍ର



ଝୁଲା ପାଣିପାତ୍ର



## ଔଷଧପତ୍ର ଓ ରୋଗ ପ୍ରତିଷେଧକ ଟୀକା :

କୁକୁଡ଼ାମାନେ ଭଲ ବଢ଼ିବା ପାଇଁ ଓ ରୋଗ ମୁକ୍ତ ରହିବା ପାଇଁ ବିଭିନ୍ନ ସମୟରେ ଔଷଧପତ୍ର ଓ ଟୀକା ଦିଆଯାଏ ।

କୁକୁଡ଼ାମାନେ ଭଲ ବଢ଼ିବା ପାଇଁ ସାଧାରଣତଃ ଜୀବସାର (Vitamin A, B Complex, D and E) ଓ ଧାତବଲବଣ (Minerals) ଖାଦ୍ୟ ଓ ପିଇବା ପାଣି ସହିତ ମିଶାଇ ଦିଆଯାଏ । ଏହି ସବୁ ଔଷଧ ବିଭିନ୍ନ ଔଷଧ ଦୋକାନରେ ମିଳେ । ଏଥିରେ ଥିବା ଜୀବନିକା ଓ ଧାତବ ଲବଣର ସାନ୍ଦ୍ରତାକୁ ଦେଖି କେତେ ପରିମାଣର ଦିଆଯିବ ତାହା ଠିକ୍ କରାଯାଏ ।

କକସିଡିଓସିସ୍ (Cociciosis) କୁକୁଡ଼ାମାନଙ୍କର ଏକ ରକ୍ତ କୃମି ରୋଗ ଅଟେ । ଏହି ରୋଗ ହେଲେ କୁକୁଡ଼ାମାନଙ୍କର ରକ୍ତ ଝାଡ଼ା ହୁଏ ଓ ସେମାନେ ମୃତ୍ୟୁ ମୁଖରେ ପଡ଼ନ୍ତି । ତେଣୁ ତୃତୀୟ ସପ୍ତାହରେ ଏହି ରୋଗ ନହେବା ପାଇଁ ଔଷଧ କୁକୁଡ଼ାମାନଙ୍କୁ ପାଣିରେ ମିଶାଇ ଦିଆଯିବା ଉଚିତ୍ ।

କୁକୁଡ଼ାମାନଙ୍କର ରାଣୀ କ୍ଷେତ ଓ ଗୁମ୍ବର ଦୁଇଟି ମୁଖ୍ୟ ଭୂତାଣୁ ଜନିତ ରୋଗ । ଏହି ଦୁଇଟି ରୋଗ ପାଇଁ ପ୍ରତିଷେଧକ ଟୀକା କୁକୁଡ଼ା ମାନଙ୍କୁ ଦେଇଦେବା ଉଚିତ୍ । ରାଣୀକ୍ଷେତ ଟୀକା କୁକୁଡ଼ାମାନଙ୍କୁ ୫-୭ ଦିନ ବୟସରେ ନାକ ଓ ଆଖିରେ ପକାଇ ଦିଆଯାଏ । ସେହିପରି ଗୁମ୍ବର ଟୀକା ୪ର୍ଥ ସପ୍ତାହରେ ଦିଆଯାଏ । ବ୍ରଏଲର କୁକୁଡ଼ାମାନେ ୬ ସପ୍ତାହରେ ବିକ୍ରି ହେଉଥିବାରୁ ଅନ୍ୟାନ୍ୟ ରୋଗ ପାଇଁ ପ୍ରତିଷେଧକ ଟୀକା ଟୀକା ଦେବା ଆବଶ୍ୟକ ପଡ଼େ ନାହିଁ ।

## ବିକ୍ରିବଟା:

ବ୍ୟବସାୟିକ ଭିତ୍ତିରେ ବ୍ରଏଲର କୁକୁଡ଼ା ଫାର୍ମ କଲେ ୬ ସପ୍ତାହ ପରେ ଗୋଟିଏ ଦଳରେ ଥିବା ସବୁ କୁକୁଡ଼ାଙ୍କୁ ଏକ ସମୟରେ ବିକ୍ରି କରିଦେବା ଆବଶ୍ୟକ । ୬ ସପ୍ତାହରୁ ଅଧିକ ସମୟ ରଖିଲେ ସେମାନେ ଅଧିକ ଦାନା ଖାଇଥାନ୍ତି ଓ ସେହି ଅନୁପାତରେ ବଢ଼ନ୍ତି ନାହିଁ । ତେଣୁ ବ୍ୟବସାୟରେ ଲାଭ କମି କମି ଯାଏ । କୁକୁଡ଼ାମାନଙ୍କୁ ଏକ ସମୟରେ ବିକ୍ରି କରିବା ଦ୍ୱାରା ଘରଟି ଖାଲି ହୋଇଯାଏ ।

ଓ ଏହାକୁ ସଫାସୁତୁରା କରି ପରବର୍ତ୍ତୀ ଦଳ କୁକୁଡା ଛୁଆଙ୍କ ପାଇଁ ପ୍ରସ୍ତୁତ କରାଯାଏ ।

### ଏକ ବ୍ରଏଲର ଫାର୍ମର ଆୟବ୍ୟୟ ଅଟକଳ :

(ପ୍ରତି ୧୫ ଦିନ ଅନ୍ତରରେ ୨୫୦ କୁକୁଡା, ବର୍ଷକୁ ୬୦୦୦ କୁକୁଡା ପାଇଁ)

**ସ୍ଥାୟୀ ଖର୍ଚ୍ଚ**

| | | |
|---|---|---|
| ୧. | ଆବଶ୍ୟକୀୟ ଯାଗା | ଉଦ୍ୟୋଗୀଙ୍କର ଥିବ |
| ୨. | କୁକୁଡା ଘର ତିଆରି ବାବଦକୁ ଖର୍ଚ୍ଚ (ସିମେଣ୍ଟ ଚଟାଣ, ଇଟା କାନ୍ଥ ଓ ଟିଣ ଛପର ଘର) ୨୦୦୦ ବର୍ଗଫୁଟ ପାଇଁ | ଟ.୫୦,୦୦୦.୦୦ |
| ୩. | ଗୋଦାମ ଓ ଅଫିସ୍ ଗୃହ ୨୦୦ ବର୍ଗଫୁଟ | ଟ.୩୦୦୦୦.୦୦ |
| ୪. | କୁକୁଡାମାନଙ୍କ ପାଇଁ ଆବଶ୍ୟକ ଆସବାବ ପତ୍ର, ଯନ୍ତ୍ରପାତି | ଟ.୧୦,୦୦୦.୦୦ |
| ୫. | ଅଫିସ ଆସବାବ ପତ୍ର | ଟ. ୫.୦୦୦.୦୦ |
| | ମୋଟ | ଟ.୯୫,୦୦୦.୦୦ |

**ପୌନଃପୁନିକ ଖର୍ଚ୍ଚ :**

| | | |
|---|---|---|
| ୧. | ୬,୦୦୦ ଦିନିକିଆ କୁକୁଡା ଛିଆଁ ଗୋଟିକୁ ଟ.୧୦.୦୦ ହିସାବରେ | ଟ.୬୦,୦୦୦.୦୦ |
| ୨. | ୨୧୨ କ୍ୱିଣ୍ଟାଲ ଦାନାର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ଟ.୧୦୦୦.୦୦ ହିସାବରେ | ଟ.୨,୧୨,୦୦୦.୦୦ |
| ୩. | ପାଣି, ବିଦ୍ୟୁତ, କରତଗୁଣ୍ଡ, ଔଷଧପତ୍ର କୁକୁଡା ପ୍ରତି ଟ.୩/- ହିସାବରେ | ଟ.୧୮୦୦୦.୦୦ |
| ୪. | ଏକ ବର୍ଷ ପାଇଁ ମୂଲିଆ ମଜୁରି ଦିନକୁ ୫୦ ଟଙ୍କା ହିସାବରେ | ଟ.୧୮୨୫୦.୦୦ |
| | ମୋଟ | ଟ.୩,୧୨,୨୫୦.୦୦ |



**ମୋଟ ଖର୍ଚ୍ଚ :**

| | | |
|---|---|---|
| ୧. | ସ୍ଥାୟୀ ଖର୍ଚ୍ଚ | ଟ.୯୫,୦୦୦.୦୦ |
| ୨. | ପୌନଃପୁନିକ ଖର୍ଚ୍ଚ | ଟ.୩,୧୨,୦୦୦.୦୦ |
| | | ଟ.୪,୦୭,୦୦୦.୦୦ |

**ଆବଶ୍ୟକ ମୂଳଧନ :**

| | | |
|---|---|---|
| ୧. | ସ୍ଥାୟୀ ଖର୍ଚ୍ଚ | ଟ.୯୫,୦୦୦.୦୦ |
| ୨. | ୧୦୦ କୁକୁଡାଛୁଆଙ୍କ ମୂଲ୍ୟ(୪ଟି ଦଳ) | ଟ.୧୦,୦୦୦.୦୦ |
| ୩. | ୧୦୦୦ କୁକୁଡାଛୁଆଙ୍କ ମୂଲ୍ୟ | ଟ.୩୬,୦୦୦.୦୦ |
| ୪. | ପାଣି ବିଦ୍ୟୁତ୍ ଔଷଧ ପତ୍ର | ଟ. ୩,୦୦୦.୦୦ |
| ୫. | ୭ ସପ୍ତାହ ପାଇଁ ମୂଲିଆ ମଜୁରି | ଟ. ୨୦୦୦.୦୦ |
| | ମୋଟ | ଟ.୧,୪୬,୦୦୦.୦୦ |

| | |
|---|---|
| ଉଦ୍ୟୋଗୀ ଯୋଗାଇବେ | ଟ.୪୬,୦୦୦.୦୦ |
| ବ୍ୟାଙ୍କ ଋଣ | ଟ.୧,୦୦,୦୦୦.୦୦ |

**ଆୟ :**

| | | |
|---|---|---|
| ୧. | ୫;୭୦୦ କୁକୁଡା ବିକ୍ରି ବାବଦକୁ (୧ କିଗ୍ରା. ଗୋଟା ପ୍ରତି ୧.୭ କି.ଗ୍ରା. ୪୦/- କି.ଗ୍ରା. ପ୍ରତି ଦରରେ) | ଟ.୩,୮୭,୦୦୦.୦୦ |
| ୨. | ୪୩୨ଟି ଅଖା ବିକ୍ରି ବାବଦକୁ | ଟ. ୨,୦୦୦.୦୦ |
| ୩. | କୁକୁଡା ଖତ ବିକ୍ରି ବାବଦକୁ | ଟ. ୩,୦୦୦.୦୦ |
| | ମୋଟ. | ଟ.୩,୯୨,୦୦୦.୦୦ |

## ଲାଭ କ୍ଷତି ହିସାବ :

| | | |
|---|---|---|
| ମୋଟ ଆୟ | | ଟ.୩,୯୨,୦୦୦.୦୦ |
| (-) ବାର୍ଷିକ ବ୍ୟୟ | ଟ.୩,୧୨,୦୦୦.୦୦ | |
| (-) ମୂଳଧନ ସୁଝିବା ବାବଦକୁ | ଟ୨୦,୦୦୦.୦୦ | |
| (-) ସୁଧ ବାବଦକୁ | ଟ.୧୨,୦୦୦.୦୦ | |
| ମୋଟ ବ୍ୟୟ | | ଟ.୩,୪୪,୦୦୦.୦୦ |
| ନିଟ ଲାଭ ପ୍ରଥମ ବର୍ଷ | | ଟ.୪୮,୦୦୦.୦୦ |

## ମାସିକ ଲାଭ : ଟ.୪,୦୦୦.୦୦

ଦ୍ୱିତୀୟ ବର୍ଷ ଠାରୁ ଋଣ ପରିମାଣ କମି ଯିବାରୁ ସୁଧ ପରିମାଣ କମିଯିବ ଓ ୫ମ ବର୍ଷରେ ଋଣ ସଂପୂର୍ଣ୍ଣ ପରିଶୋଧ ହୋଇଗଲେ ଉଦ୍ୟୋଗୀ ବର୍ଷକୁ ଟ.୮୦,୦୦୦/- (ମାସକୁ ୬,୬୦୦/-)ଲାଭ ପାଇ ପାରିବେ ।

(ଉପରୋକ୍ତ ଆୟ ବ୍ୟୟ ଅଟକଳକୁ ସ୍ଥାନୀୟ ବଜାର ମୂଲ୍ୟ ଉପରେ ପର୍ଯ୍ୟବେକ୍ଷିତ । ସ୍ଥଳ ବିଶେଷରେ ଏକା କମ୍ ବେଶୀ ହୋଇପାରେ)

